CIBA

# ଚିଙ୍ଗୁଡ଼ିର ଧଳା ଛଉ ରୋଗ

## ଧଳା ଛଉ ରୋଗ

ଧଳା ଛଉ ଚାଷ ହେଉଥିବା ଚିଙ୍ଗୁଡ଼ି ର ଏକ ଗମ୍ଭୀର ରୋଗ ଯାହାକି ସାରା ବିଶ୍ୱ ରେ ଛାଇ ଯାଇଛି. ଅଧିକତମ ଟାଣ ଖୋଳପା ଜଳ ଜୀବ ଯାହା କି ସମସ୍ତ ମୁଖ୍ୟ ଚିଙ୍ଗୁଡ଼ି ଜାତି (ମନୋଡନ, ଭନାମେଇ, ଇଣ୍ଡିକଶ) କୁ ଅନ୍ତର୍ଭୁକ୍ତ କରିଥାଏ, ଧଳା ଛଉ ଦ୍ୱାରା ପ୍ରଭାବିତ ହୋଇଥାନ୍ତି. ଚିଙ୍ଗୁଡ଼ି ର ସମସ୍ତ ଜୀବାବସ୍ଥା ଏହି ରୋଗ ଦ୍ୱାରା ପ୍ରଭାବିତ ହୋଇଥାନ୍ତି.



Circular White spots on the carapace of *P. monodon*

## ଏହାର ରୋଗକାରକ କିଏ ?

ଏହି ରୋଗଟି ଏକ ଭୁତାଣୁ ଦ୍ୱାରା ସଂକ୍ରମିତ ହୋଇ ଥାଏ ଯାହାକୁ କି ହ୍ୱାଇଟ ସ୍ପଟ ସିଂଡ୍ରୋମ ଭୁତାଣୁ (WSSV) ବୋଲି କୁହା ଯାଏ. ନିମା ଭିରୀଡ ପରିବାର ଏବଂ ହୁଇଷ୍ପ ଭାଇରସ ଜିନଷ ଅନ୍ତର୍ଗତ ଏହା ଏକ ଦଣ୍ଡାକୃତି ଦୁଇ ପାହିଆ ଯୁକ୍ତ DNA ଭୁତାଣୁ.



*P. vannamei* infected with WSSV



White spots on the carapace

## ଧଳା ଛଉ ରୋଗର ଲକ୍ଷଣ କଣ?

ପ୍ରଭାବିତ ଚିଙ୍ଗୁଡ଼ି ଗୁଡିକ ଅଣନିଶ୍ୱାସୀ ଅନୁଭବ କରିବା ସହିତ ନିସ୍ତେଜତା ହୋଇ ନାଲି ରଙ୍ଗ ହୋଇ ଯାନ୍ତି ଏବଂ ପୁରା ଶରୀରରେ ଗୋଲାକାର ଧଳା ଛଉ ଦେଖା ଯାଏ. ଭାନାମେଇ ଧଳା ହେଇ ଥିବାରୁ ବହୁ ସମୟରେ ଏହି ଧଳା ଛଉ ସ୍ପଷ୍ଟ ଦେଖି ହୁଏ ନାହିଁ . ପ୍ରଭାବିତ ଚିଙ୍ଗୁଡ଼ି ଗୁଡିକ ଦୁଇ ରୁ ତିନି ଦିନ ମଧ୍ୟରେ ମରିବା ଆରମ୍ଭ କରନ୍ତି ଏବଂ ଏହାର ପାଞ୍ଚ ସାତ ଦିନ ପରେ ପ୍ରାୟତ ଅଶୀ ପ୍ରତିଶତ ଚିଙ୍ଗୁଡ଼ି ମରି ଯାଆନ୍ତି ଯାହା ଫଳରେ ଚାଷୀ ଜରୁରୀ ଆମଦାନୀ କରିବାକୁ ବାଧ୍ୟ ହୁଏ.






## ଧଳା ଛଉ ରୋଗ କିପରି ବ୍ୟାପି ଥାଏ?

ଧଳା ଛଉ ରୋଗ ଉଭୟ ଭାବେ ଉଦଗ୍ର ଏବଂ ସମାନ୍ତରାଳ ରୂପରେ ବ୍ୟାପି ଥାଏ.

ଧଳା ଛଉ ଉଦଗ୍ର ସଂକ୍ରମଣ ଆକ୍ରମିତ ମା ଚିଙ୍ଗୁଡ଼ି ଠାରୁ ଛୁଆକୁ ବ୍ୟାପିଥାଏ. ସେଥିପାଇଁ ପି ସି ଆର ଟେଷ୍ଟ କରି ପୋଖରୀରେ ଛୁଆ ଛାଡିବାକୁ ସର୍ବଦା ପରାମର୍ଶ ଦିଆଯାଏ.

ସମାନ୍ତରାଳ ସଂକ୍ରମଣ ରୂପେ ସଂକ୍ରମିତ ଖାଦ୍ୟ ଅଥବା ପାଣି/ ମାଟି / ବାହକ ଜୀବ ଦ୍ୱାରା ଏହା ବ୍ୟାପି ଥାଏ. ଅଧିକତମ ଟାଣ ଖୋଳପା ଜଳ ଜୀବ ଯଥା ଖାରା ଏବଂ ଲୁଣି ପାଣିରେ ଥିବା କଙ୍କଡା, ମନଟିସ ଚୁଙ୍ଗୁଡ଼ି ଏବଂ କୋପେପଡ଼ ଇତ୍ୟାଦି ସିଧା ସଳଖ ରୋଗୀ ହୋଇ ଥାଆନ୍ତି କିମ୍ବା ବାହକ ହିସାବରେ ରୋଗ ସଂକ୍ରମିତ କରିଥାନ୍ତି. କିଛି ଗୋଡ ନଥିବା ଟାଣ ଖୋଳପା ଜଳ ଜୀବ ଯଥା ବାର୍ନକାଲ  ଏବଂ ଜିଆ ଜାତୀୟ ଜୀବ ମଧ ବାହକ ହୋଇ ପାରନ୍ତି. ଏହି ବାହକ ପ୍ରାଣୀ ମାନେ ଚାଷ ହେଉଥିବା ଚିଙ୍ଗୁଡ଼ି ଗୁଡିକୁ ଧଳା ଛଉ ରୋଗ ସଂକ୍ରମିତ କରିବାର ସମ୍ଭାବ୍ୟ ରହିଥାଏ. ଏହି ବାହକ ମାନଙ୍କ ପୋଖରୀରେ ପ୍ରବେଶ ନିଷେଧ ପାଇଁ ବାଡ ଦେବା କିମ୍ବା ପାଣି ଛଣାଯାଇ ବ୍ୟବହାର କରାଯିବାର ବ୍ୟବସ୍ତା ରଖିବାକୁ ପରାମର୍ଶ ଦିଆଯାଏ.



*P. monodon* infected with WSSV



Emergency harvest of WSSV infected pond

## ଧଳା ଛଉ ନିବାରଣ କିପରି କରାଯାଇପାରିବ?

**ହ୍ୱାଇଟ ସ୍ପଟ  ସିଂଡ୍ରୋମ ଭୁତାଣୁ ର କୌଣସି ଚିକିତ୍ସା ଏ ପର୍ଯ୍ୟନ୍ତ ବାହାରି ନାହିଁ. ରୋଗ ନିରୋଧ ହିଁ ଏହାର ଏକ ମାତ୍ର ଉପାୟ ଯାହା ଦ୍ୱାରା ଏହାକୁ ବର୍ଜନ କରା ଯାଇ ପାରିବ**

- ନିମ୍ନୋକ୍ତ ପ୍ରଣାଳୀ ରୋଗ ପରିବର୍ଜନାରେ ସହାୟକ ହୋଇପାରେ
- ଯେହେତୁ ଭୁତାଣୁ ଓଦା ମାଟି ରେ ବଂଚି ରହି ପାରେ, ପୋଖରୀ ସମ୍ପୂର୍ଣ ଶୁଖାଇ ଏବଂ ଚୂନ ଇତ୍ୟାଦି ପକେଇ ଭଲ ଭାବରେ ପ୍ରସ୍ତୁତ କରିବା ଉଚିତ. ଦୁଇଟି ଚାଷ ସମୟ ମଧ୍ୟରେ ଅତି କମ ରେ ତିନି କିମ୍ବା ଚାରି ସପ୍ତାହ ବ୍ୟବଧାନ ରଖି ପୋଖରୀ ଶୁଖାଇବା ଉଚିତ
- ରୋଗ ବାହକ, ଯେପରିକି ଅଜାତି ଚିଙ୍ଗୁଡ଼ି, କଙ୍କଡା, ମାଇସିଡ଼ ଏବଂ ଅନ୍ୟ ଟାଣ ଖୋଳପା ଜୀବଜନ୍ତୁଙ୍କୁ ପୋଖରୀରେ ନପୁରାଇବାକୁ ଚେଷ୍ଟା କରିବା ଦରକାର.
- ପ୍ରତିଟି ପାଣି ବୁନ୍ଦା ୩୦ ପି.ପି.ଏମ ବ୍ଲିଚିଙ୍ଗ ପାଉଡର ଦ୍ୱାରା ବିଶୋଧନ କରିବା ଉଚିତ.
- ପିସିଆର ଦ୍ୱାରା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟବାନ ଚିଙ୍ଗୁଡ଼ି ଛୁଆ ମାତ୍ର ପୋଖରୀରେ ଛାଡିବା ଦରକାର.
- ଉପଯୁକ୍ତ ସଂଖ୍ୟକ ଜଳାଶୟ ତଥା ପକ୍ଷୀ ଏବଂ କଙ୍କଡା ରୋକିବା ବାଡ଼ ଇତ୍ୟାଦି ଦେଇ ସୁଦୃଢ ଜୀବ ସୁରକ୍ଷା (biosecurity) ଅନୁଲମ୍ବନ କରିବା ଆବଶ୍ୟକ. କର୍ମଚାରୀ, ବ୍ୟବହୃତ ଜିନିଷ ଏବଂ ଯନ୍ତ୍ରପାତି ସବୁର ସ୍ୱଚ୍ଛତା ଅନୁରକ୍ଷଣ କରିବା ଦରକାର
- ଗୁଣତା ପାଣି, ଉପଯୁକ୍ତ ଖାଦ୍ୟ ପରିଚାଳନା ଏବଂ ନିୟମିତ ସ୍ୱାସ୍ଥ୍ୟ ନିରୀକ୍ଷଣ ଇତ୍ୟାଦି ଶ୍ରେଷ୍ଠ ପରିଚାଳନା ପ୍ରଣାଳୀ ଅନୁସରଣ (BMP) ଦ୍ୱାରା ଅବଲମ୍ବନ କରିବା ଉଚିତ
- ପ୍ରତିକୂଳ ଅବସ୍ଥା ଯେପରିକି କମ ଗଭୀରତାର ପାଣି, ଅତ୍ୟଧିକ ଜାଆଁଳ, ନିମ୍ନ ମାନର ପାଣି ଏବଂ ଉଚ୍ଚ ତାପମାତ୍ରା ପରିବର୍ଜନା କରିବା ଉଚିତ.
- ରୋଗ ପ୍ରତିରୋଧକ (immunostimulant) ଏବଂ ପ୍ରୋବିଅଟିକସ (probiotics) ର ଉପଯୋଗ ସାହାଯ୍ୟ ହୋଇ ପାରେ
- ଚାଷ କରାଯାଉଥିବା ସମୟ ମଧ୍ୟରେ ଚିଙ୍ଗୁଡିରେ ଧଳା ଛଉ ଟେଷ୍ଟ କରିବା ଆବଶ୍ୟକ. ଜିଅନ୍ତା କିମ୍ବା ମାରାଣସନ୍ନ ଚୁଙ୍ଗୁଡ଼ି କୁ ଇଥଇଲ ଆଲକୋହଲ (Ethyl alcohol) ରେ ରଖି ପ୍ରୟୋଗଶାଳା କୁ ପଠାଇ ହେବ

## ଧଳା ଛଉ ରୋଗ ଦେଖାଦେଲେ କଅଣ କରିବା ଦରକାର?

- ଧଳା ଛଉ ରୋଗ ଦେଖାଦେଲେ ଖାଦ୍ୟ କମ କରି ପାଣିର ମାନତା ରକ୍ଷା କରାଯାଇପାରିବ ଏବଂ ଚୂନ ମାରି pH ୭.୫ ରୁ ଅଧିକ ରଖିବା ଦରକାର.
- ରୋଗ ସମୟରେ ପରସ୍ପର ସଂଦୂଷଣ ଦୂରେଇବା ପାଇଁ ପାଖା ପାଖି କୃଷକ ମାନେ ପାଣି ବଦଳେଇବା ବନ୍ଦ କରିବା ଦରକାର ଏବଂ କୌଣସି ପରସ୍ପର ଯନ୍ତ୍ରପାତି (ଜାଲ, କୁଣ୍ଡ, ଡଙ୍ଗା ଇତ୍ୟାଦି) ବ୍ୟବହାର କରିବା ବର୍ଜନ କରିବା ଉଚିତ.
- ଯଦି ମୃତ୍ୟୁ ହାର ଅତିମାତ୍ରାରେ ବୃଦ୍ଧି ପାଏ, ଜାଲ ମାରି ଚିଙ୍ଗୁଡ଼ି ସବୁ ଧରିଦେବା ଦରକାର; ଏହାଦ୍ୱାରା ମୁଖ୍ୟ ଜଳସ୍ରୋତକୁ ସଂଦୂଷଣ ପାଣି ନିଷ୍କାସନ ରୋକା ଯାଇ ପାରିବ.
- ମୃତ ଚିଙ୍ଗୁଡ଼ି ଗୁଡିକୁ କୌଣସି ଦୂର ସ୍ଥାନରେ ପୋତିଦେବା ଉଚିତ.
- ପୋଖରୀ ପାଣିକୁ ୫୦ ପିପିଏମ ବ୍ଲିଚିଙ୍ଗ ପାଉଡର ପକାଇ ( ୨ - ୩ ଦିନ ପର୍ଯ୍ୟନ୍ତ) ବିଶୋଧନ କରିବା ଉଚିତ ଏବଂ ପରବର୍ତୀ ସମୟରେ ଦ୍ରୁତ ଏଇରେସନ  କରାଇବା ଦରକାର.
- ପଡୋଶୀ କୃଷକ ମାନଙ୍କୁ ରୋଗର ସବିଶେଷ ବିବରଣୀ ଏବଂ ପାଣି ବିଶୋଧନ ତଥା ଛାଡିବା ବିଷୟରେ ଅବଗତ କରାଇବା ଉଚିତ.
- ପୋଖରୀ ପାଣି ଇଟିଏସ (ETS) ଦ୍ୱାରା ଭଲ ଭାବେ ବିଶୋଧନ କରି ପରେ ଛାଡିବା ଦରକାର.



"Brackishwater aquaculture for food, employment and prosperity"


**ICAR-Central Institute of Brackishwater Aquaculture**

(ISO 9001:2015 certified)

Indian Council of Agricultural Research,

75, Santhome High Road, MRC Nagar, Chennai 600 028  Tamil Nadu, India

Phone: +91 44 24618817, 24616948, 24610565 | Fax: +91 44 24610311

Web: www.ciba.res.in | Email: director.ciba@icar.gov.in, director@ciba.res.in

Follow us on : /icarciba